# OFFICE OF THE MUNICIPAL COUNCIL: SUNDARGARH

ସଂଖ୍ୟା: ୪୬୮୨ ତାରିଖ: 18/12/2024

## ଅଭିବ୍ୟକ୍ତି ପ୍ରକାଶନ

ଏତଦ୍ଵାରା ସୁନ୍ଦରଗଡ଼ ପୌରପରିଷଦ ଅନ୍ତର୍ଗତ ୱାର୍ଡ଼ ନଂ ୦୮, ଯାତ୍ରା ପଡିଆ ଠାରେ ତା: ୦୧.୦୧.୨୦୨୫ରିଖ ଠାରୁ ତା:୦୫.୦୧.୨୦୨୫ରିଖ ପର୍ଯ୍ୟନ୍ତ (୫ ଦିନ)ଜିଲ୍ଲା ପ୍ରଶାସନ ଦ୍ଵାରା ଯାତ୍ରା ର ଆୟୋଜନ କରାଯାଇଅଛି। ଏହି ଯାତ୍ରାରେ ସମସ୍ତ ପ୍ରକାର ଗାଡିର ପାର୍କିଂ ନିମନ୍ତେ ବ୍ୟବସ୍ଥା କରାଯିବ ଏବଂ ଏହି ପାର୍କିଂ କୁ ସୁପରିଚାଳନା କରିବା ନିମନ୍ତେ ୱାର୍ଡ଼ ସଂଖ୍ୟା -୭, ୮ ଓ ୯ ରେ ଥିବା ସମସ୍ତ ମହିଳା ମିଶନ ଶକ୍ତି ଗୋଷ୍ଠୀ ନିକଟରୁ ଦରଖାସ୍ତ ଆହ୍ୱାନ କରାଯାଉଅଛି। ଇଚ୍ଛୁକ ମହିଳା ମିଶନ ଶକ୍ତି ଗୋଷ୍ଠୀ ମାନେ ଆବଶ୍ୟକୀୟ କାଗଜପତ୍ର/ ଦସ୍ତାବିଜ ସହ ତା: ୨୬.୧୨.୨୦୨୪ ରିଖ ସକାଳ୧୧.୦୦ ଘଟିକା ସମୟ ସୁଦ୍ଧା ରେଜିଷ୍ଟ୍ରି ପୋଷ୍ଟ ମାଧ୍ୟମରେ କିମ୍ବା ପୌରପରିଷଦ ର ଆବେଦନ ପତ୍ର ଦାଖଲ ପାଇଁ ଉଦ୍ଦିଷ୍ଟ ଥିବା ବାକ୍ସରେ ସିଧାସଳଖ ଭାବରେ ଦରଖାସ୍ତ ସହ ନିମ୍ନ ଲିଖିତ ଦରକାରୀ ଦସ୍ତାବିଜ ସହିତ ପୌରସଂସ୍ଥା ରେ ଦାଖଲ କରନ୍ତୁ । ଧାର୍ଯ୍ୟ ସମୟ ପରେ କୌଣସି ଆବେଦନ ପତ୍ର ଗ୍ରହଣ କରାଯିବ ନାହିଁ ଏବଂ ତା: ୨୬.୧୨.୨୦୨୪ ରିଖ ସକାଳ୧୧.୩୦ ଘଟିକା ରେ ମିଶନ ଶକ୍ତି ଗୋଷ୍ଠୀ କିମ୍ବା ସେମାନଙ୍କର ପ୍ରତିନିଧି ଙ୍କ ଉପସ୍ଥିତିରେ ସୁନ୍ଦରଗଡ଼ ପୌରପରିଷଦର ସଭା ଗୃହରେ ଟେଣ୍ଡର ବାକ୍ସ ଖୋଲାଯିବା ପାଇଁ ସ୍ଥିର କରା ଯାଇଅଛି । ଆଗ୍ରହୀ ମିଶନ ଶକ୍ତି ଗୋଷ୍ଠୀ ଏହି ଅଭିବ୍ୟକ୍ତି ପ୍ରକାଶନ ସହ ଜଡ଼ିତ ଆବେଦନ ପତ୍ର ସୁନ୍ଦରଗଡ଼ ଜିଲ୍ଲା ୱେବ ସାଇଟ www.sundargarh.odisha.gov.in ରୁ ମଧ୍ଯ ଡାଉନଲୋଡ କରିପାରିବେ । ଲଫାଫା ଉପରେ ଯାତ୍ରା ପଡିଆ ଠାରେ ତା:୦୧.୦୧.୨୦୨୫ରିଖ ଠାରୁ ତା:୦୫.୦୧.୨୦୨୫ରିଖ ପର୍ଯ୍ୟନ୍ତ (୫ ଦିନ)ଜିଲ୍ଲା ପ୍ରଶାସନ ଦ୍ଵାରା ଆୟୋଜିତ ଯାତ୍ରା ରେ ସମସ୍ତ ପ୍ରକାର ଗାଡିର ପାର୍କିଂର ସୁପରିଚାଳନା କାର୍ଯ୍ୟ କରିବା ନିମନ୍ତେ ଲେଖା ଥିବା ଆବଶ୍ୟକ ଏବଂ ନିର୍ବାହୀ ଅଧିକାରୀ, ସୁନ୍ଦରଗଡ଼ ପୌରପାଳିକା, ସୁନ୍ଦରଗଡ଼ ଠିକଣା ରେ ଦାଖଲ ହେବା ଆବଶ୍ୟକ । ଅଧିକ ଜାଣିବା ପାଇଁ ସୁନ୍ଦରଗଡ଼ ପୌରପରିଷଦ କାର୍ଯ୍ୟାଳୟ ସହ ଯୋଗାଯୋଗ କରି ପାରନ୍ତି ।

**ମିଶନ ଶକ୍ତି ଗୋଷ୍ଠୀ ର ଯୋଗ୍ୟତା ପରିମାପକ ମାନଦଣ୍ଡ:-**

୧. ଆବେଦନ କରୁଥିବା ମିଶନ ଶକ୍ତି ଗୋଷ୍ଠୀ ସମ୍ପୃକ୍ତ ୱାର୍ଡ଼ ର ହୋଇଥିବେ ।

୨. ପଞ୍ଚସୂତ୍ର ନିୟମ କୁ ଅନୁପାଳନ କରୁଥିବେ (ନିୟମିତ ବୈଠକ, ନିୟମିତ ସଞ୍ଚୟ, ନିୟମିତ ଗୋଷ୍ଠୀ ମଧ୍ୟରେ ଋଣ କାରବାର, ନିୟମିତ ପରିଶୋଧ, ନିୟମିତ ହିସାବ ରଖିବା ଇତ୍ୟାଦି) ।

୩. ମିଶନ ଶକ୍ତି ଗୋଷ୍ଠୀ ର PAN କାର୍ଡ଼ ଥିବା ଆବଶ୍ୟକ ।

୪. ମିଶନ ଶକ୍ତି ଗୋଷ୍ଠୀ ର ଜମାଖାତା ସକ୍ରିୟ ଥିବା ଆବଶ୍ୟକ ।

୫. ମିଶନ ଶକ୍ତି ଗୋଷ୍ଠୀ ର ପଞ୍ଜୀକରଣ ଅଭିବ୍ୟକ୍ତି ପ୍ରକାଶନ ର ତାରିଖ ପୂର୍ବରୁ ଏକ ବର୍ଷ ହୋଇଥିବା ଆବଶ୍ୟକ ।

**ବିଶେଷ ଦ୍ରଷ୍ଟବ୍ୟ :-**

ଯାତ୍ରା ପଡିଆରେ ଯଦି କୌଣସି ଯାନ ବାହନ ଚୋରି ହୁଏ ଅଥବା ଅପ୍ରୀତିକର ଘଟଣା ଘଟେ ତେବେ ସମ୍ପୃକ୍ତ ମିଶନ ଶକ୍ତି ଗୋଷ୍ଠୀ ଉତ୍ତରଦାୟୀ ହେବେ। ପାର୍କିଂ ଟିକସ ଆଦାୟ ପାଇଁ ମିଶନ ଶକ୍ତି ଗୋଷ୍ଠୀ କୁ ପୌରପାଳିକା ତରଫରୁ ଟିକଟ ବହି ପ୍ରଦାନ କରାଯିବ। ପାର୍କିଂ ନିମନ୍ତେ ୫ ଦିନରେ ଆଦାୟ ହୋଇଥିବା ସମୁଦାୟ ପାର୍କିଂ ଦେୟକୁ ସମ୍ପୃକ୍ତ ମିଶନ ଶକ୍ତି ଗୋଷ୍ଠୀ ପୌରପାଳିକା ରେ ଜମା କରିବେ। ପାର୍କିଂ ନିମନ୍ତେ ଚୟନ ହୋଇଥିବା ମିଶନ ଶକ୍ତି ଗୋଷ୍ଠୀ କୁ ପାରିଶ୍ରମିକ ରାଶି ପରେ ପ୍ରଦାନ କରାଯିବ।

**ଦରକାରୀ ଦସ୍ତାବୀଜ :-**

୧. ମିଶନ ଶକ୍ତି ଗୋଷ୍ଠୀ ର PAN କାର୍ଡ଼ ର ନକଲ ।

୨. ମିଶନ ଶକ୍ତି ଗୋଷ୍ଠୀ ର ବିଗତ ୬ ମାସ ର ବ୍ୟାଙ୍କ ଷ୍ଟେଟମେଣ୍ଟ ର ନକଲ ।

୩. ନିମନ୍ତେ ମଧ୍ୟରେ ଋଣର ଆଦାନ ପ୍ରଦାନ (Internal Lending) କରିଥିବା ଖାତାର ନକଲ ।

୪. ମିଶନ ଶକ୍ତି ଗୋଷ୍ଠୀ ର ବିଗତ ୬ ମାସ ର କ୍ୟାଶବୁକ ର ଫଟୋ ନକଲ ।

୫ .ମିଶନ ଶକ୍ତି ଗୋଷ୍ଠୀ ର ବିଗତ ୬ ମାସ ର ବୈଠକର Resolution ର ଫଟୋ ନକଲ ।

୬. ମିଶନ ଶକ୍ତି ଗୋଷ୍ଠୀ ର କୌଣସି ଋଣ ଖିଲାପ କରି ନଥିବେ ବୋଲି ଏକ ଲିଖିତ ଘୋଷଣାନାମା ଦାଖଲ କରିବେ ।

୭. ମିଶନଶକ୍ତି ଗୋଷ୍ଠୀର କୌଣସି ଅସାମାଜିକ କାର୍ଯ୍ୟକଳାପରେ ଲିପ୍ତ ହୋଇ ନଥିବାର ଏକ ଲିଖିତ ଘୋଷଣାନାମା ଦାଖଲ କରିବେ ।

୮. ମିଶନ ଶକ୍ତି ଗୋଷ୍ଠୀ ଙ୍କ ରେଜିଷ୍ଟ୍ରେସନ ନକଲ ।

୯. ପାର୍କିଂ ପରିଚାଳନା ନିମନ୍ତେ ଇଚ୍ଛୁକ ଅଛନ୍ତି ବୋଲି ମିଶନ ଶକ୍ତି ଗୋଷ୍ଠୀ ର ବୈଠକ ବିବରଣୀ।

Executive Officer
Sundargarh Municipality

ଜ୍ଞାପକ ସଂଖ୍ୟା: 4683 /ତାରିଖ: 18/12/2024

ଏହାର ଏକକିତା ନକଲ ପୌରାଧ୍ୟକ୍ଷା/ଉପପୌରାଧ୍ୟକ୍ଷ, ସଭ୍ୟ ୱାର୍ଡ଼ ନମ୍ବର-୦୭, ୦୮, ୦୯, ସୁନ୍ଦରଗଡ଼ ପୌରପାଳିକାଙ୍କ ବିହିତ ଅବଗତି ଓ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପ୍ରେରଣ କରାଗଲା ।

ନିର୍ବାହୀ ଅଧିକାରୀ

18/12/2024

ସୁନ୍ଦରଗଡ଼ ପୌରପାଳିକା, ସୁନ୍ଦରଗଡ଼

ଜ୍ଞାପକ ସଂଖ୍ୟା: 4684 /ତାରିଖ: 18/12/2024

ଏହାର ଏକକିତା ନକଲ ଶିଶୁ ବିକାଶ ଯୋଜନା ଅଧିକାରୀ, ସୁନ୍ଦରଗଡ଼ ପୌରପାଳିକାଙ୍କ ବିହିତ ଅବଗତି ଓ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପ୍ରେରଣ କରାଗଲା ।

ନିର୍ବାହୀ ଅଧିକାରୀ

18/12/2024

ସୁନ୍ଦରଗଡ଼ ପୌରପାଳିକା, ସୁନ୍ଦରଗଡ଼

ଜ୍ଞାପକ ସଂଖ୍ୟା: 4685 /ତାରିଖ: 18/12/2024

ଏହାର ଏକକିତା ନକଲ ୦୭, ୦୮, ୦୯ ନମ୍ବର ୱାର୍ଡ଼ ର ୱାର୍ଡ଼ ଅଧିକାରୀ, ସୁନ୍ଦରଗଡ଼ ପୌରପାଳିକାଙ୍କ ବିହିତ ଅବଗତି ଓ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପ୍ରେରଣ କରାଗଲା ।ଏହାର ଏକକିତା ନକଲ ଅଫିସ ନୋଟିସ ବୋର୍ଡ଼ ରେ ସମସ୍ତଙ୍କ ଅବଗତି ନିମନ୍ତେ ଲଗାଇ ଦିଆଗଲା ।

ନିର୍ବାହୀ ଅଧିକାରୀ

18/12/2024

ସୁନ୍ଦରଗଡ଼ ପୌରପାଳିକା, ସୁନ୍ଦରଗଡ଼

ଜ୍ଞାପକ ସଂଖ୍ୟା: 4686 /ତାରିଖ: 18/12/2024

ଏହାର ଏକକିତା ନକଲ DeGM, Collectorate, Sundargarh ଙ୍କୁ ଜିଲ୍ଲା ୱେବସାଇଟ www.sundargarh.odisha.gov.inରେ ଅପଲୋଡ କରିବା ନିମନ୍ତେ ପ୍ରେରଣ କରାଗଲା ।

ନିର୍ବାହୀ ଅଧିକାରୀ

18/12/2024

ସୁନ୍ଦରଗଡ଼ ପୌରପାଳିକା, ସୁନ୍ଦରଗଡ଼

ଜ୍ଞାପକ ସଂଖ୍ୟା: 4687 /ତାରିଖ: 18/12/2024

ଏହାର ଏକକିତା ନକଲ ପ୍ରକଳ୍ପ ନିର୍ଦ୍ଦେଶିକା, ଜିଲ୍ଲା ସହରାଞ୍ଚଳ ଉନ୍ନୟନ ସଂସ୍ଥା ସୁନ୍ଦରଗଡ଼ ବିହିତ ଅବଗତି ଓ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପ୍ରେରଣ କରାଗଲା ।

ନିର୍ବାହୀ ଅଧିକାରୀ,
ସୁନ୍ଦରଗଡ଼ ପୌରପାଳିକା, ସୁନ୍ଦରଗଡ଼

## ଆବେଦନ ପତ୍ର

**ମିଶନ ଶକ୍ତି ଗୋଷ୍ଠୀଙ୍କ :-**

୧. ମିଶନ ଶକ୍ତି ଗୋଷ୍ଠୀ ର ନାମ ।
୨. ମିଶନ ଶକ୍ତି ଗୋଷ୍ଠୀ ର ସଭାପତି ଓ ସମ୍ପାଦିକା ଙ୍କ ନାମ ।
୩. ମିଶନ ଶକ୍ତି ଗୋଷ୍ଠୀ ର ସଭାପତି ଓ ସମ୍ପାଦିକା ଙ୍କ ମୋବାଇଲ ନଂ।
୪. ମିଶନ ଶକ୍ତି ଗୋଷ୍ଠୀ ର ସଦସ୍ୟା ଙ୍କ ସଂଖ୍ୟା ।
୫. ମିଶନ ଶକ୍ତି ଗୋଷ୍ଠୀ ର ଠିକଣା ଓ ୱାର୍ଡ଼ ନଂ ।
୬. ମିଶନ ଶକ୍ତି ଗୋଷ୍ଠୀ ର ପଞ୍ଜୀକରଣ ନଂ।
୭. ମିଶନ ଶକ୍ତି ଗୋଷ୍ଠୀ ର ବ୍ୟାଙ୍କ ଖାତା ର ନଂ।
୮. ମିଶନ ଶକ୍ତି ଗୋଷ୍ଠୀ ର ସଞ୍ଚୟ ଖାତା ର ନଂ।
୯. ମିଶନ ଶକ୍ତି ଗୋଷ୍ଠୀ ର PAN କାର୍ଡ଼ ର ନଂ।
୧୦. ପଞ୍ଚସୂତ୍ର ନିୟମାବଳୀ ପାଳନ କରୁଛନ୍ତି କି ?

ସଭାପତି/ସମ୍ପାଦିକାଙ୍କ ଦସ୍ତଖତ

**ଦରଖାସ୍ତ ସହିତ ପ୍ରମାଣ ପତ୍ର:**

୧) ମିଶନ ଶକ୍ତି ଗୋଷ୍ଠୀ ଗଠନ ଅଧିବେଶନ ର ଫଟୋକପି ।

୨) ବ୍ୟାଙ୍କ ଖାତାର ପ୍ରଥମ ଓ ଶେଷ ପୃଷ୍ଠା ର ନକଲ ।

୩) କାର୍ଯ୍ୟ କରିବା ନିମନ୍ତେ ମିଶନ ଶକ୍ତି ଗୋଷ୍ଠୀ ଦ୍ୱାରା ପାସ ହୋଇଥିବା ଅଧିବେଶନ ର ଫଟୋକପି ।

୪) ମିଶନ ଶକ୍ତି ଗୋଷ୍ଠୀ କ୍ୟାଶବୁକ ର ଫଟୋକପି ।

୫) ସଭାପତି ଓ ସମ୍ପାଦିକାଙ୍କ ଆଧାର କାର୍ଡ଼ ର ନକଲ ।

୬) ପାନ (PAN) କାର୍ଡ଼ ର ନକଲ ।

୭) ମିଶନ ଶକ୍ତି ଗୋଷ୍ଠୀ ର ଶେଷ ୬ ମାସ ର ଅଧିବେଶନ ର ଫଟୋକପି ।

୮) ଘୋଷଣା ପତ୍ର ରେ ଦସ୍ତଖତ କରି ଦାଖଲ ।

~~ନିର୍ବାହୀ ଅଧିକାରୀ~~

ସୁନ୍ଦରଗଡ଼ ପୌରପାଳିକା, ସୁନ୍ଦରଗଡ଼